## ସଂକ୍ଷେପରେ

### ଚିତ୍ରାଙ୍କନ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨୮।୧୧- ଆସନ୍ତା ଡିସେମ୍ବର ୨ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସହରରେ ଥିବା ଲିଟିଲ ହାର୍ଟ୍ସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପିଟିସି ଉଚ୍ଚ ବିଦ୍ୟାଳୟ, ରୋଟାରି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ସହ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ, ସହକାରୀ ପରିବେଶ ଯନ୍ତ୍ରୀ ରାକେଶ ମହାନ୍ତି, ଚନ୍ଦ୍ର ଶେଖର ଚୌହାନ, ସୌମେନ୍ଦ୍ର ନାଥ ମହାନ୍ତି, ରଶ୍ମିରେଖା ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ପରିବେଶ ଅଧିକାରୀ ସଞ୍ଜୟ ଭୋଇ, ସୁଶାନ୍ତ ସାହୁ, ବାପିକାନ୍ତ ସାହୁ, ନକୁଳ ସାହୁ, ଧୀରେନ ପ୍ରଧାନ, ସୁବାସ ମହାପାତ୍ର ଓ ବ୍ରହ୍ମାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଡିସେମ୍ବର ୨ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ସଞ୍ଚାଳକ ଇଂ. ରାକେଶ ମହାନ୍ତି ସୂଚନା ଦେଇଛନ୍ତି।

### ଆଜି ଆସୁଛନ୍ତି ଆରଡିସିଙ୍କ ଆଡିଶନାଲ ସେକ୍ରେଟେରୀ

ଅନୁଗୋଳ ଅଫିସ, ୨୮।୧୧
ଅନୁଗୋଳ ପୌରପାଳିକାର ବାର୍ଷିକ କାର୍ଯ୍ୟ ସମୀକ୍ଷା କରିବାକୁ ଉତ୍ତରାଞ୍ଚଳ ଆରଡିସିଙ୍କ ଆଡିଶନାଲ ସେକ୍ରେଟେରି ବିକାଶ ଚନ୍ଦ୍ର ବେନ୍ ଶୁକ୍ରବାର ପୂର୍ବାହ୍ନରେ ଆସିବେ। ତେବେ ପୌରପାଳିକା ଭାଙ୍ଗିବାର ଦେଢ଼ବର୍ଷ ପରେ କିପରି ପ୍ରଶାସନ ଏହାକୁ ଚଳାଇଛି ସେ ନେଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି। ଏ ନେଇ ପୌରପାଳିକା କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇଉଠିଛି। ଏପରି କି କାର୍ଯ୍ୟାଳୟରେ ଥିବା ବିଭିନ୍ନ ବିଭାଗର ସମସ୍ତ ଦସ୍ତାବିଜ ଠିକ୍ କରାଯାଉଥିବା ମଧ ଦେଖିବାକୁ ମିଳିଛି। ତେବେ ପୌରପାଳିକାର ମୁଖ୍ୟ ସମସ୍ୟା ସହର ପରିମଳ। ଏଥିସହ ବିଭିନ୍ନ ସମୟରେ ବାଦ ବିବାଦରେ ଛନ୍ଦି ହୋଇଥିବା ପୌରପାଳିକା ସମ୍ପର୍କରେ ମଧ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି। ତେବେ ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଏହା ରେଗୁଲାର ରୁଟିନ। ସମୀକ୍ଷା କରିବାକୁ ଆରଡିସିଙ୍କ ପ୍ରତିନିଧି ଆସିଥାନ୍ତି। ତେବେ କାଉନସିଲ୍ ଥିଲେ ମଧ ସେମାନେ ଆସିଥାନ୍ତି ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି।

### ସେକ୍ସ ର୍‌ୟାକେଟରେ ପିଇଓ

ଛତ୍ରପୁର,୨୮।୧୧(ଡି.ଏନ.ଏ)
ଗଞ୍ଜାମ ଜିଲା ଛତ୍ରପୁର ବାଇପାସ୍ ଜାତୀୟ ରାଜପଥ ପାର୍ଶ୍ୱ ଜୟଦୁର୍ଗା ନଗରଠାରେ ଚାଲିଥିବା ଏକ ସେକ୍ସ ର୍‌ୟାକେଟକୁ ପୋଲିସ ଠାବ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖଲ୍ଲିକୋଟ ବ୍ଲକ ପିଇଓଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପିଇଓ ସନ୍ତୋଷ କୁମାର ଭୋଇ, ଦିଗନ୍ତ କୁମାର ନାୟକ ଓ ସିଦ୍ଧାନ୍ତ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଛତ୍ରପୁର ପୋଲିସର ଏକ ଟିମ୍ ବୁଧବାର ରାତିରେ ଜୟଦୁର୍ଗା ନଗରର ୨ ମହଲା ବିଶିଷ୍ଟ ଏକ ଘର ଉପରେ ଅତର୍କିତ ଚଢ଼ାଉ କରିଥିଲା।

■ମିଶ୍ରପଡ଼ାରେ ଏମ୍‌ସିସି ନିର୍ମାଣକୁ ବିରୋଧ

# ଉପଜିଲାପାଳଙ୍କ ସହ ଆଲୋଚନା ଆଜି



ଅନୁଗୋଳ ଅଫିସ, ୨୮।୧୧

ଅନୁଗୋଳ ପୌରପାଳିକା ପକ୍ଷରୁ ମିଶ୍ରପଡ଼ା ସ୍ଥିତ ହାଇଟେକ୍ ନର୍ସରୀ ପାଖରେ ମଇକ୍ରୋ କମ୍ପୋଷ୍ଟିଙ୍ଗ ସିଷ୍ଟମ(ଏମ୍‌ସିସି) ନିର୍ମାଣ ବେଳେ ଗୁରୁବାର ସ୍ଥାନୀୟ ଲୋକଙ୍କ ବିରୋଧର ଶିକାର ହେବାକୁ ପଡ଼ିଛି। ଏପରି କି ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ କାରଣରୁ ପୌରକର୍ତ୍ତୃପକ୍ଷ ଜେସିବି ଧରି ଫେରିଯାଇଛନ୍ତି। ଶୁକ୍ରବାର ଅପରାହ୍ନ ୩ଟାରେ ଅନୁଗୋଳ ଉପଜିଲପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପାଇଁ ସ୍ଥାନୀୟ ଲୋକ ଓ ପୌରକର୍ତ୍ତୃପକ୍ଷଙ୍କୁ ଉପଜିଲାପାଳ ବାସୁଦେବ ଶତପଥୀ ଡକାଇଥିବା ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ଅନୁଗୋଳ ପୌରାଞ୍ଚଳର ଅଳିଆ ସହରରେ ରହିଛି। ଏପରି କି ମାଇକ୍ରୋ କମ୍ପୋଷ୍ଟିଙ୍ଗ ସିଷ୍ଟମ୍(ଏମ୍‌ସିସି)ରେ ତାହାକୁ ପକାଯାଇ ବୈଜ୍ଞାନିକ ପଦ୍ଧତିରେ ଜୈବିକ ସାର ଉତ୍ପାଦନ କରାଯିବ। ଏ ନେଇ ପୌରପାଳିକାକୁ ଜିଲା ପ୍ରଶାସନର ସାଇଡ୍ ସିଲେକ୍ସସନ୍ କମିଟି ପକ୍ଷରୁ ୩ଟି ସ୍ଥାନରେ ଜାଗା ପ୍ରଦାନ କରାଯାଇଥିଲା। ଏହାପରେ ପୌରପାଳିକା ଦୁଇଟି ଜାଗା ପାଇଁ ଟେଣ୍ଡର ବାହାର କରି କାର୍ଯ୍ୟ କରିବାକୁ ଆଦେଶ ଦେଇଥିଲା। ହୁଲୁରିସିଂହା କମ୍ୟୁନିଟି ସେଣ୍ଟର ନିକଟରେ କାର୍ଯ୍ୟ ଚାଲିଥିବାବେଳେ ମିଶ୍ରପଡ଼ା ହାଇଟେକ୍ ନର୍ସରୀ ନିକଟରେ କିନ୍ତୁ ବିରୋଧର ଶିକାର ହେବାକୁ ପଡ଼ିଛି। ଏଥିସହ ହେମସୁରପଡ଼ା ଦୁର୍ଗା ମଣ୍ଡପ ନିକଟରେ ହେବାକୁ ଥିବା ଏମ୍‌ସିସିର ଟେଣ୍ଡର ଆସନ୍ତା ୩୦ ତାରିଖରେ ଖୋଲାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି। ତେବେ ମିଶ୍ରପଡ଼ା ଲୋକଙ୍କ ମନରେ ଧାରଣା ରହିଛି ଯେ, ଏମ୍‌ସିସି ନିର୍ମାଣ କରାଗଲେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବ। ନିକଟରେ ଥିବା ବିଇଡି ହଷ୍ଟେଲ, ନର୍ସରୀ ଓ ଜଳାଶୟ ଉପରେ ମଧ ପ୍ରଭାବ ପକାଇବ। ତେଣୁ ଏଠାରୁ ଏହାକୁ ସ୍ଥାନାନ୍ତର କରାଯାଉ। ନଚେତ୍ ତୀବ୍ର ବିରୋଧ କରାଯିବ। ଏପରି କି ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଢେଙ୍କାନାଳ ଏମ୍‌ପିଙ୍କୁ ମଧ ଅବଗତ କରିଥିଲେ। କିନ୍ତୁ ପୌରପାଳିକା ଗୁରୁବାର ସଦଳବଳ ନେଇ ଏମ୍‌ସିସି ନିର୍ମାଣ କାର୍ଯ୍ୟ ପାଇଁ ପହଞ୍ଚି ଥିଲା। କିନ୍ତୁ ଲୋକମାନେ ଏହାକୁ ବିରୋଧ କରିବାରୁ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଯାଇଥିଲା। ଲୋକମାନେ ଉଗ୍ର ରୂପ ଧାରଣ କରୁଥିବାରୁ ଅନୁଗୋଳ ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ି ନ ଥିବାବେଳେ ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନର ଆଲୋଚନା ପାଇଁ ଶୁକ୍ରବାର ଅପରାହ୍ନକୁ ସମୟ ଧାର୍ଯ୍ୟ କରାଯାଇଛି। ଘଟଣା ସମ୍ପର୍କରେ ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ପୌରପାଳିକାକୁ ଏମ୍‌ସିସି ନିର୍ମାଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନ ପ୍ରଦାନ କରାଯାଇଛି। ଏପରି କି ଏମ୍‌ସିସି ହେଲେ ଏଠାରେ କୌଣସି ଦୁର୍ଗନ୍ଧମୟ ପରିବେଶ ହେବ ନାହିଁ। ବରଂ ସହରରେ ପଡୁଥିବା ଆବର୍ଜନାକୁ ଆଣି ଏଠାରେ ଟ୍ରିଟ୍‌ମେଣ୍ଟ କରାଯାଇ ଜୈବିକ ସାର ପ୍ରସ୍ତୁତ କରାଯିବ। ତେଣୁ ଲୋକମାନେ କାହିଁକି ଏହାକୁ ବିରୋଧ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ଏଠାରେ ଏମ୍‌ସିସି ନିର୍ମାଣ ହେଲେ ଏହାକୁ ବିରୋଧ କରାଯିବ। ଆବଶ୍ୟକ ପଡ଼ିଲେ ପିଲାଛୁଆଙ୍କୁ ଧରି ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଶୁକ୍ରବାର ବୈଠକରେ ଲୋକଙ୍କୁ ବୁଝାଶୁଝା କରିବା ପରେ କାର୍ଯ୍ୟ ଆରମ୍ଭ କରିବାକୁ ପୌରପାଳିକା ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ମିଳିଛି।

# ସାଆନ୍ତରାପୁର (କ)ରେ ରେଣୁକା ସରପଞ୍ଚ ନିର୍ବାଚିତ



ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ତଥା ବଆଁରପାଳ ବ୍ଲକ ଅଧୀନରେ ଥିବା ସାଆନ୍ତରାପୁର (କ) ପଞ୍ଚାୟତର ସରପଞ୍ଚ ଭାବେ ରେଣୁକା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଶାନ୍ତିଶୃଙ୍ଖଳାର ସହ ଭୋଟଦାନ ଓ ଗଣତି ପରେ ୧୯୦ ଖଣ୍ଡ ଭୋଟରେ ରେଣୁକା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଙ୍ଗିତା ରାଣୀ ସାହୁଙ୍କୁ ହରାଇ ବିଜୟୀ ହୋଇଥିବା ଘୋଷଣା କରାଯାଇଥିଲା। ବଆଁରପାଳ ବିଡିଓ ସ୍ୱରୂପାନନ୍ଦ ସାହୁ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରେଖା ନିର୍ବାଚନ ପରିଚାଳନା କରିଥିଲେ।

## ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ

କଣିହାଁ,୨୮।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ଶିପୁର ଗ୍ରାମ ନିକଟରୁ ଗୁରୁବାର ଏକ ମାଇନ୍ସର ପାଟ୍ରୋଲିଂ ସ୍କ୍ୱାଡ୍ ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ କରି ସମଲ ଥାନାକୁ ହସ୍ତାନ୍ତର କରିଛି। ଉକ୍ତ ମିନିଟ୍ରକ୍ (ନଂ. ଓଡି୧୯ଏନ୍-୯୧୪୭)ରେ ଚୋରାରେ କୋଇଲା ବୋଝେଇ କରାଯାଇ ଖମାର ଆଡ଼କୁ ନିଆଯାଉଥିଲା। ଗାଡ଼ି ଚାଳକ ଓ ସହଯୋଗୀ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ. ୧୬୫/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଯୁବ ସଙ୍ଗଠନ ପକ୍ଷରୁ ଷ୍ଟିଲ ଚେୟାର ପ୍ରଦାନ



କଣିହାଁ,୨୮।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ଅଞ୍ଚଳର ଉତ୍ସାହୀ ଯୁବକମାନେ ଗଠନ କରିଥିବା ଯୁବ ଜାଗୃତି ପରିଷଦ ପକ୍ଷରୁ ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪୦ ହଜାର ଟଙ୍କାର ଷ୍ଟିଲ ଚେୟାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ତହସିଲଦାର ଅଂଶୁମାନ ଶତପଥୀ, ପରିଷଦ ସଭାପତି ସବ୍ୟସାଚୀ ବାଣ, କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ସୁମନ୍ତ କୁମାର ପଟେଲ ଚେୟାର ଗ୍ରହଣ କରିବା ସହିତ ଏହା ରୋଗୀଙ୍କ ସେବାରେ ସହାୟକ ବୋଲି କହିଥିଲେ।

## ଡିଆଇଇଟିରେ ଶୋକସଭା

ଛେଣ୍ଡିପଦା,୨୮।୧୧(ଡି.ଏନ.ଏ.)

ଛେଣ୍ଡିପଦା ସଦରମହକୁମା ସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଅଧ୍ୟୟନରତ ୨ୟ ବର୍ଷ ଛାତ୍ର ତପନ କୁମାର ଦେହୁରୀ (୨୦)ଙ୍କ ନତଡା ଗ୍ରାମ ବାସଭବନରେ ବୁଧବାର ରାତିରେ ପରଲୋକ ହୋଇଯାଇଛି। ନିମ୍ନ ରକ୍ତଚାପ ରୋଗରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ବିୟୋଗରେ ଗୁରୁବାର ଡିଆଇଇଟି ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ଶୋକସଭା ସହ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଅଧକ୍ଷ ସୁବାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହାସହିତ ସମସ୍ତ ଛାତ୍ରୀଛାତ୍ର କ୍ୟାଣ୍ଡେଲ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଅନ୍ତଃଦୃଷ୍ଟି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ

ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଅନ୍ତଃଦୃଷ୍ଟି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସାଧନ ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀସାଧନ ଅଧିକାରୀ ଶରତ ଚନ୍ଦ୍ର ଗଡନାୟକ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଆତ୍ମବିଶ୍ୱାସ ଓ ପ୍ରତିଯୋଗିତା ମନୋଭାବ ରହିଲେ ଅସମ୍ଭବ କାର୍ଯ୍ୟ ସମ୍ଭବ କରିହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୩୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ୯୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧନ କର୍ମୀ କଳା ଶିକ୍ଷକ ସଞ୍ଜୟ ବେହେରା, କ୍ରୀଡ଼ା ଶିକ୍ଷକ କିଶୋର ମାଝି ,ଗୋକୁଳ ବିଶ୍ୱାଳ, ଅଖିଳ କୁମାର ଦାସ ଓ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିବା ସହିତ ୨୦ଜଣ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରିଥିଲେ।

## ଏକତା ଓ ଅଖଣ୍ଡତା ଉପରେ ଆଲୋଚନା



ଜିଲା ଅଦାଲତ ପରିସରରେ ଶପଥପାଠ।

ଅନୁଗୋଳ ଅଫିସ, ୨୮।୧୧

ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଅଦାଲତ ପରିସରରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହା ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫ୍ୟାମିଲ କୋର୍ଟ ଜଜ୍ ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ, ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀ ସୋମ୍ୟକ ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଲିଲିପ୍ତା ପଶାୟତ ଓ ସଙ୍ଗୀତା ପାତ୍ର, କୋର୍ଟ ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ଅନୁବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱଜିତ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ନିଲୋଫର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତିସ୍ୱରୂପା ସାହୁ, ସଞ୍ଜୀବ ପଣ୍ଡା ଓ ତାରିଣୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସରେ ସମ୍ବିଧାନର ପ୍ରଣୟନ ଓ କାର୍ଯ୍ୟକାରିତା ସହ ରାଷ୍ଟ୍ରର ଏକତା ଓ ଅଖଣ୍ଡତା ବିଷୟରେ ଆଲୋଚନା କରାଯାଇଥିଲା। ଅଦାଲତରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିବାବେଳେ କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ କାର୍ଯ୍ୟକ୍ରମଟ ପରିଚାଳନା କରିଥିଲେ।

## ଓକିଲ ସଂଘର ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧନା



**ତାଳଚେର,୨୮।୧୧(ନି.ପ୍ର.):** ତାଳଚେର ଓକିଲ ସଂଘର ବରିଷ୍ଠ ସଦସ୍ୟ ଦୀପକ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଇନ ବ୍ୟବସାୟରେ ୨୫ ବର୍ଷ ପୂରଣ କରିଥିବାରୁ ଆଇନଦିବସ ଅବସରରେ ହାଇକୋର୍ଟର ଜଷ୍ଟିସ କ୍ରିଷ୍ଣାରାମ ମହାପାତ୍ର, ଜିଲାଜଜ୍ ଅଶାନ୍ତ କୁମାର ଦାସ ଦୀପକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାଜଜ୍ ଅମୃତ ରଞ୍ଜନ ନନ୍ଦ, ଅତିରିକ୍ତ ସେସନ ଓ ସିଭିଲଜଜ୍ ସୌମ୍ୟା ଶୁଭଦର୍ଶିନୀ, ଏସ୍‌ଡିଜେଏମ୍ ସୋନାଲ ଶର୍ମା, ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ହୃଷୀକେଶ ଖେମୁଣ୍ଡି, ଜୁଡିସିଆଲ ମାଜିଷ୍ଟ୍ରେଟ ଦ୍ୱିତୀୟଶ୍ରେଣୀ ଚରଣ କୁମାର ଜେନା, ଓକିଲ ସଂଘ ସଭାପତି ରଣଜିତ ଘୋଷ, ସମ୍ପାଦକ ତନୁଜ କୁମାର ପ୍ରଧାନ, ସେମିନାର ସମ୍ପାଦକ ଜ୍ଞାନେଶ୍ୱର ସାହୁ, ରାଜେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଭାବକ, ଶିକ୍ଷକ ସଂଘ ବୈଠକ



କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘର ଦ୍ୱିତୀୟ ବୈଠକ ।

ତାଳଚେର,୨୮।୧୧(ନି.ପ୍ର.)

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତସ୍ଥିତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ କେଦାର ଚନ୍ଦ୍ର ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ ଯୋଗଦେଇ ଶିକ୍ଷାଦାନ, ସ୍ୱଚ୍ଛତା, ପାନୀୟ ଜଳ ଓ ଛାତ୍ରାବାସ ସୁପରିଚାଳନା ଆଦି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୟାନିଧି ସାହୁ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ, କନକ କିସାନ୍, ସୁମିତା ଗଡନାୟକ, ଲକ୍ଷ୍ମୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ପ୍ରଧାନମନ୍ତ୍ରୀ ଆବାସରେ ବିଜୁ ପକ୍କା ଘର ଲୋଗୋ

# ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା

ବଇଣ୍ଡା,୨୮।୧୧(ଡି.ଏନ.ଏ.)

ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଉଛି। ହେଲେ କିଶୋରନଗର ବ୍ଲକ ଅଞ୍ଚଳରେ ଏହି ଆବାସ ଯୋଜନାରେ ଦୁର୍ନୀତି କରାଯିବା ସହ ସେଥିରେ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଇ ଦିଆଯାଉଥିବା ସ୍ଥାନୀୟ ଭାଜପା ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, କିଶୋରନଗର ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି କରାଯାଇଛି। ଗରିବଙ୍କୁ ସାମିଲ କରା ନ ଯାଇ କୋଠାଥିଲା ଲୋକ ଓ ଶାସକ ଦଳ କର୍ମୀଙ୍କୁ ହିତାଧିକାରୀ ବୋଲି ଦର୍ଶାଇ ଯୋଜନାରେ ସାମିଲ କରାଯାଇଛି। ଏପରି କି ଗୋଟିଏ ପରିବାରରେ ଶାଶୁ, ଶ୍ୱଶୁର, ପୁଅ ଓ ବୋହୂଙ୍କ ନାମରେ ଆବାସ ଯୋଗାଇ ଦିଆଯାଉଛି। ଏଥିସହ ଉକ୍ତ ଆବାସରେ ବିଜୁ ପକ୍କାଘର ଯୋଜନାର ଲୋଗୋ ଲଗାଇ ଦିଆଯାଉଛି। କିଛି ମାସ ପରେ କାନ୍ଥରେ ଲେଖାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ମଧ ଲିଭାଇ ଦେବାକୁ କେତେଜଣ କର୍ମଚାରୀ ପରାମର୍ଶ ଦେଉଥିବା ଭାଜପା ଅଭିଯୋଗ କରିଛି। ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ୧୦ ହଜାର ଲେଖାଏ ପିସି ନିଆଯାଉଛି। ଧଉରାପାଲି ଗ୍ରାମର ସଂଯୁକ୍ତା ସାହୁଙ୍କ ଆବାସ ଯୋଜନାରେ ନିର୍ମାଣ ଘର କାନ୍ଥରେ ଜବରଦସ୍ତି କେତେଜଣ ଅଧିକାରୀ ବିଜୁ ପକ୍କାଘର ଲୋଗୋ ଲଗାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ, ଧ୍ରୁବଚରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ଅରବିନ୍ଦ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ କହିଛନ୍ତି, ତଦନ୍ତ ପରେ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର,୨୯ ନଭେମ୍ବର/୨୦୧୯, Dhenkanal, Friday, November 29 / 2019

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଭାଙ୍ଗିଲା ହାତ



**କାମାକ୍ଷାନଗର, ୨୮।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁମୁସୀ ଗ୍ରାମର ବିଦେଶୀ ନାୟକ (୩୫) ଗୁରୁବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସନ୍ଧ୍ୟାରେ ବିଲରୁ ଫେରୁଥିବାବେଳେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି ଫିଙ୍ଗି ଦେଇଥିଲା। ଏଥିରେ ତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ତାଙ୍କୁ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

**କାମାକ୍ଷାନଗର, ୨୮।୧୧(ଡି.ଏନ୍.ଏ.):** କଙ୍କଡାହାଡ଼ ଥାନା ଅଧୀନ ଝାଞ୍ଜିରିବେରେଣା ଗ୍ରାମର ଶ୍ୟାମ ମାରାଣ୍ଡି (୩୫)ଙ୍କ ଉପରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ଗ୍ରାମର ଜଣେ ଯୁବକ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ପରିବାର ଲୋକେ କହିଛନ୍ତି।

### ଅଗ୍ନିକାଣ୍ଡରେ ୨ ବଖରା ଭସ୍ମ

**କାମାକ୍ଷାନଗର, ୨୮।୧୧(ଡି.ଏନ.ଏ.):** କଙ୍କଡାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ ୩ନଂ. କଲୋନୀରେ ରହୁଥିବା ଗୁଣ ପାତ୍ରଙ୍କ ଘରେ ଗୁରୁବାର ରାତି ପ୍ରାୟ ୯ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା କୌଣସି ସାମଗ୍ରୀ ବର୍ତ୍ତିନାହିଁ। କଙ୍କଡ଼ାହାଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଶିଶୁପୁତ୍ରର ମୃତଦେହ ଉଦ୍ଧାର

**ସଜନାଗଡ଼, ୨୮।୧୧(ଡି.ଏନ.ଏ.):** ନୀଳଗିରି ଥାନା କାଠଗୋଛି ଜଙ୍ଗଲରେ ଏକ ଶିଶୁପୁତ୍ରର ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ଣରେ କେତେକ ଶ୍ରମିକ କାମ କରି ଫେରୁଥିବା ବେଳେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

■ଦୁର୍ନୀତି ବିରୋଧରେ ମୁହଁ ଖୋଲିଲେ ମାଡ଼

# ୱାର୍ଡସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

**ଢେଙ୍କାନାଳ ଅଫିସ, ୨୮।୧୧**

ଦୁର୍ନୀତି ବିରୋଧରେ ମୁହଁ ଖୋଲିଲେ ମାଡ଼ ମରାଯାଉଛି। ଏଥିରୁ ବର୍ତ୍ତୁନାହାନ୍ତି ଜନପ୍ରତିନିଧି। ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଦେଖିବାକୁ ମିଳିଛି ଏପରି ଏକ ଘଟଣା। ସରକାରୀ ଯୋଜନାରେ ହେଉଥିବା ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଚାଉଳିଆ ପଞ୍ଚାୟତ ୪ନଂ. ୱାର୍ଡର ୱାର୍ଡସଭ୍ୟ ଜଗମୋହନ ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଗମୋହନଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୩୬୩/୧୯, ଦଫା ୩୪୧, ୨୯୪, ୩୨୩, ୩୨୪, ୩୭୯, ୫୦୬ ଓ ୩୪ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଘଟଣାର ୨୪ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ।



■ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିବାକୁ ଯାଉଥିଲେ

■ସର୍ବସମ୍ମୁଖରେ ପିଟିଲେ, ମୁଣ୍ଡକୁ ପଥରରେ ଛେଚିଲେ

ଜଗମୋହନଙ୍କ କହିବା କଥା, ଢେଙ୍କାନାଳ ସଦରଠାରୁ ୧୦କିମି ଦୂରରେ ଅବସ୍ଥିତ ଚାଉଳିଆ ପଞ୍ଚାୟତ। ପଞ୍ଚାୟତରେ ମହାବନ୍ଧ ନିର୍ମାଣ, ରାସ୍ତା ନିର୍ମାଣର ମିଥ୍ୟା ବିଲ କରି ଅର୍ଥ ହଡ଼ପ, ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନରେ ବ୍ୟାପକ ଲାଞ୍ଚ କାରବାର ହୋଇଛି। ଏ ନେଇ ଗତ ଅକ୍ଟୋବର ୨୦ରେ ସରପଞ୍ଚ, କେତେଜଣ ୱାର୍ଡସଭ୍ୟ ଏବଂ ଅଞ୍ଚଳବାସୀ ବିଡିଓଙ୍କ ସମେତ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅନିୟମିତତା ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଅନୁରୋଧ କରିଥିଲେ। ହେଲେ ଅଭିଯୋଗର ଦେଢ଼ମାସ ପରେ ବି ପ୍ରଶାସନ ପକ୍ଷରୁ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଓଲଟି ପଞ୍ଚାୟତର କେତେଜଣ ମୁଷ୍ଟିମେୟ ଲୋକ ଅଭିଯୋଗକାରୀଙ୍କୁ ମୁହଁ ବନ୍ଦ ରଖିବାକୁ ଚାପ ସୃଷ୍ଟି କଲେ। ଏହାପରେ ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଜଗମୋହନ ସୂଚନା ଅଧିକାର ଆଇନର ସହାୟତା ନେବାକୁ ଉଚିତ ମନେ କରିଥିଲେ। ବୁଧବାର ମଧ୍ୟାହ୍ନରେ ଆର୍‌ଟିଆଇରେ ଆବେଦନ କରିବାକୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାବେଳେ ପଞ୍ଚାୟତର ଦୁଇଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସର୍ବସମ୍ମୁଖରେ ରାସ୍ତା ଉପରକୁ ଘୋଷାଡ଼ି ଆଣି ଇଟା,ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ। ଏହାପରେ ଧମକଚମକ ଦେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଜଗମୋହନଙ୍କ ସହ ଆସିଥିବା ଗ୍ରାମର ଜଣେ ଯୁବକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସାଳୟକୁ ଆଣିଥିଲେ। ଦୁର୍ନୀତିର ପ୍ରତିବାଦ କରିବାକୁ ଆସିଥିବା ଜଣେ ଜନ ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ମାଡ଼ ମରାଯିବା ଘଟଣାକୁ ନେଇ ଅଫିସକୁ ଆସୁଥିବା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଏବିଡିଓ ଝାଡେଶ୍ୱର ଦାସ କୁହନ୍ତି, ଆମ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଆମେ କେବଳ ଶୁଣିବାକୁ ପାଇଛୁ କ'ଣ ଗୋଟେ ଗଣ୍ଡଗୋଳ ହୋଇଛି । କିଏ ଗଣ୍ଡଗୋଳ କରିଛି, କାହା ସହିତ ହୋଇଛି କିଛି ଜାଣିନୁ। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ବୁଧବାର ରାତିରେ ଘଟଣାକୁ ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଉଛି।

# ଆନ୍ତଃ ସ୍କୁଲ ଖେଳ ପ୍ରତିଯୋଗିତା



ଟ୍ରଫି ସହ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍‌ଆର କମଲାଙ୍ଗ ଏନର୍ଜୀ ଲିମିଟେଡ୍ (ଜିକେଇଏଲ୍) ପକ୍ଷରୁ ଆନ୍ତଃ ସ୍କୁଲ ଖେଳକୁଦ ପ୍ରତିଯୋଗିତା 'ଆଓ ଖେଲେ ହମ୍' ଗୁରୁବାର ଭରଲକ୍ଷ୍ମୀ ଡିଏଭି ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ କମଲାଙ୍ଗ ପଞ୍ଚାୟତ ନୋଡାଲ ହାଇସ୍କୁଲ, ମଙ୍ଗଳପୁର ପଞ୍ଚାୟତ ହାଇସ୍କୁଲର ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କବାଡ଼ି, ଖୋଖୋରେ ମଙ୍ଗଳପୁର ଏବଂ ଭଲିବଲରେ କମଲାଙ୍ଗ ଦଳ ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କମ୍ପାନୀର ସିଓଓ ରମେଶ ଆର. ପାଇ, ଅପରେଶନ ମେଣ୍ଟେନାନ୍ସ ମୁଖ୍ୟ ମନୋଜ ମିଶ୍ର ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଉଭୟ ବିଦ୍ୟାଳୟର ଶିକ୍ଷକମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

■ରକ୍ତଦାନ ଅନୁପ୍ରେରଣା କର୍ମଶାଳା

# 'ରକ୍ତଦାତା ହେଉଛନ୍ତି ଜୀବନଦାତା'



ଜଣେ ରକ୍ତଦାତାଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୮।୧୧**

ରକ୍ତଦାନ ପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବା, ନିୟମିତ ରକ୍ତଦାନ କରୁଥିବା ରକ୍ତଦାତାଙ୍କୁ ଉତ୍ସାହିତ କରାଇବା ଉଦ୍ଦେଶ୍ୟରେ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ରକ୍ତଦାନ ଅନୁପ୍ରେରଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ରକ୍ତଦାତା ହେଉଛନ୍ତି ଜୀବନଦାତା। ନିୟମିତ ବ୍ୟବଧାନରେ ରକ୍ତଦାନ ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳେ। ରକ୍ତଦାନ କ୍ଷେତ୍ରରେ ଢେଙ୍କାନାଳ ଅଗ୍ରଣୀ ଜିଲା ହୋଇପାରିଛି। ଏହାର ସମସ୍ତ ଶ୍ରେୟ ରକ୍ତଦାତା ଏବଂ ଶିବିର ଆୟୋଜକଙ୍କର। ଭାଇଚାରା ମଧ୍ୟରେ ଏପରି ଅଧିକରୁ ଅଧିକ କାର୍ଯ୍ୟକ୍ରମ କରାଗଲେ ରୋଗୀମାନେ ଏହାର ସୁଫଳ ପାଇପାରିବେ ବୋଲି ଜିଲାପାଳ କହିଥିଲେ।

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ମଡେଲ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ତଥା ମେଡିକାଲ ଡାଇରେକ୍ଟର ଡା. ଦେବାଶିଷ ମିଶ୍ର ଉପସ୍ଥିତ ରହି କହିଲେ, ଚିକିତ୍ସା ବିଜ୍ଞାନ ଆଜି ଯାଏ ରକ୍ତର ବିକଳ୍ପ ତିଆରି କରିପାରିନାହିଁ। ରକ୍ତ ସଂଗ୍ରହ ଦ୍ୱାରା ହିଁ ଏହାର ଆବଶ୍ୟକତା ପୂରଣ ହୋଇଥାଏ। ୧୮ରୁ ୬୫ବର୍ଷ ବୟସ ଏବଂ ହାରାହାରି ୪୫ କେଜି ଓଜନ ହୋଇଥିଲେ ଜଣେ ରକ୍ତଦାନ କରିପାରିବେ। ୯୦ଦିନ ବ୍ୟବଧାନରେ ରକ୍ତଦାନ କରାଯାଇପାରିବ। ମସ୍ତିଷ୍କ, ସ୍ନାୟୁ ରୋଗରେ ଆକ୍ରାନ୍ତ ରୋଗୀ, ଏଚ୍‌ଆଇଭି ଆକ୍ରାନ୍ତ, ନିଶାସକ୍ତଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଏ ନାହିଁ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚିନାରାୟଣ ପାଣି, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ମଡେଲ ବ୍ଲଡ ବ୍ୟାଙ୍କ ସହକାରୀ ନିର୍ଦ୍ଦେଶକ ଡା. ସ୍ୱରୂପ ଦାସ, ଜିଲା ଆପତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ରକ୍ତଦାତା ଏବଂ ଶିବିରର ଆୟୋଜକଙ୍କୁ ପୁରସ୍କୃତ କରାଯାଇଥିଲା।

# ପ୍ରଦର୍ଶିତ ହେଲା ୭୬ ପ୍ରକଳ୍ପ



**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ସଦର ବ୍ଲକସ୍ତରୀୟ ବିଜ୍ଞାନମେଳା ଗେଙ୍ଗୁଟିଆ ହାଇସ୍କୁଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକସ୍ତରରେ ୩୬ ଏବଂ ମାଧ୍ୟମିକସ୍ତରର ୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଭିଜିତ ସାହୁ, ରାଜେଶ ବେହେରା, ସବ୍ୟସାଚୀ ମହାନ୍ତି, ଲିପ୍ସା ମିଶ୍ର, ଶୁଭମ୍ ତ୍ରିପାଠୀଙ୍କ ପ୍ରକଳ୍ପ ଜିଲାସ୍ତରକୁ ଚୟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ତରିକତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବିଇଓ ନିତ୍ୟାନନ୍ଦ ବାରିକ କୁନି ବୈଜ୍ଞାନିକଙ୍କୁ ପ୍ରଗତିଶୀଳ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଜିପିଇଓ ଅନିତା ଦାସ ପ୍ରଦୂଷଣମୁକ୍ତ ପରିବେଶ ଗଠନ, ବ୍ୟାପକ ଚାରା ରୋପଣ କରିବାକୁ ନିବେଦନ କରିଥିଲେ। ଏବିଇଓ ମଧୁସୂଦନ ଷେଣ୍ଡ, ଡିଆଇଇଟିର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର ଉପସ୍ଥିତ ଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନ, ଶିକ୍ଷକ ମାନସ ସାହୁ, ରଜନୀକାନ୍ତ ସାହୁ, ଅସିତ ମିଶ୍ର, ସୁଶାନ୍ତ ପାଢ଼ୀ, ନିରାକାର ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




# ଟାଟାଷ୍ଟିଲ୍ ବିଏସ୍‌ଏଲ୍‌କୁ ଏକ୍ସଲେନ୍ସି ଆୱାର୍ଡ



ଅତିଥିଙ୍କଠାରୁ କମ୍ପାନୀର ସୁବୋଧ ପାଣ୍ଡେ ପୁରସ୍କାର ଗ୍ରହଣ କରୁଛନ୍ତି।

**ଓଡ଼ାପଡ଼ା, ୨୮।୧୧(ଡି.ଏନ.ଏ.)**

ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ସଞ୍ଚାଳନ ଏବଂ ଚଳମାନ ଅର୍ଥବ୍ୟବସ୍ଥା ପାଇଁ ଟାଟାଷ୍ଟିଲ ବିଏସ୍‌ଏଲ୍‌କୁ ୨୦୧୯ବର୍ଷ ପାଇଁ ସମ୍ମାନସୂଚକ ଏସ୍‌ଡବ୍ଲ୍ୟୁଏମ୍-ସିଇ ଏକ୍ସଲେନ୍ସି ଆୱାର୍ଡ ମିଳିଛି। ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଗତ ୨୭ ତାରିଖରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ସୁବୋଧ ପାଣ୍ଡେ ଆୱାର୍ଡର ଅଧ୍ୟକ୍ଷ ତଥା ଯାଦବପୁର ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡ. ସାଧନ କେ. ଘୋଷ ଏବଂ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଜି. ମାଥିଭାଥନନ୍‌ଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସମାରୋହରେ କମ୍ପାନୀର ପରିବେଶ ବିଭାଗ ମୁଖ୍ୟ ସରୋଜ ବାନାର୍ଜୀ, ବରିଷ୍ଠ ପ୍ରବନ୍ଧକ ସନ୍ତୋଷ ପାଟଯୋଷୀ, ସଂଘମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ପରିଚାଳନା ଅଧିକାରୀ ସୁବୋଧ ପାଣ୍ଡେ କହିଲେ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ନିରବଚ୍ଛିନ୍ନ ଉଦ୍ୟମ ପାଇଁ ଏହି ସମ୍ମାନସୂଚକ ପୁରସ୍କାର ମିଳିବା ଗୌରବର କଥା। ଏହି ପୁରସ୍କାର ଆଗାମୀ ଦିନରେ ପରିବେଶ ସଂରକ୍ଷଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ।

ସୂଚନାଯୋଗ୍ୟ, ଟାଟାଷ୍ଟିଲ ବିଏସ୍‌ଏଲ୍ ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ ୱେଷ୍ଟ ମ୍ୟାନେଜମେଣ୍ଟ, ଏୟାର ଆଣ୍ଡ୍ ୱାଟରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୧୯ ବର୍ଷର ଏସଡବ୍ଲ୍ୟୁଏମ୍-ସିଇ ଏକ୍ସଲେନ୍ସି ଆୱାର୍ଡ ପାଇଁ ଆବେଦନ କରିଥିଲା। କମ୍ପାନୀ ପକ୍ଷରୁ କାର୍ବନ ନିର୍ଗମନ ମାତ୍ରା ହ୍ରାସ, ୱେଷ୍ଟ ରିକଭରି ମାଧ୍ୟମରେ ଶକ୍ତି ଉତ୍ପାଦନ, ସ୍ୱତନ୍ତ୍ର ଶକ୍ତି ସଂରକ୍ଷଣ, ଷ୍ଟିଲ ନିର୍ମାଣରେ ସ୍କ୍ରାପ୍‌ର ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟଜଳର ସୁବିନିଯୋଗ, ଗ୍ରୀନ ସପ୍ଲାଇ ଚେନ୍ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟ ପ୍ରଦୂଷଣ ବୋର୍ଡ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଲିକତା, ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଫେସର, ବରିଷ୍ଠ ଅଧିକାରୀ, ପରିବେଶବିତ୍, ବୈଜ୍ଞାନିକ, ପ୍ରବୀଣ ବ୍ୟକ୍ତିବିଶେଷ ବିଚାରକ ଭାବେ କମ୍ପାନୀର ନାମ ଚୟନ କରିଥିଲେ। ସିମେଣ୍ଟ, ସାର ସମେତ ଅନ୍ୟାନ୍ୟ ୨୦ଟି ଉଦ୍ୟୋଗ ସହିତ ଟାଟାଷ୍ଟିଲ ବିଏସ୍‌ଏଲ୍ ଏକମାତ୍ର ଷ୍ଟିଲ କମ୍ପାନୀ ଭାବେ ଏଥିରେ ଭାଗ ନେଇଥିଲା।

### ବନ୍ଧୁକ ଦେଖାଇ ୯ ଲକ୍ଷ ଲୁଟ୍

**ଜଳେଶ୍ୱର, ୨୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ୬୦ନଂ. ଜାତୀୟ ରାଜପଥର ଏକତାଳି ନିକଟରେ ଗୁରୁବାର ଅପରାହ୍ନରେ ଦୁର୍ବୃତ୍ତମାନେ ୬ଜଣ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୯ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଜଳେଶ୍ୱର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏକ ବୋଲେରୋ(ନଂ.ଓଡ଼ି-୦୪କେ-୧୩୧୯)ରେ ୬ଜଣ ବ୍ୟବସାୟୀ କଲିକତାରୁ ଚଣ୍ଡିଖୋଲ ଯାଉଥିଲେ। ପଶ୍ଚିମବଙ୍ଗରୁ ଏକ ସ୍କର୍ପିଓ ସେମାନଙ୍କ ପିଛା କରିଥିଲା। ଜଳେଶ୍ୱର ନିକଟସ୍ଥ ଏକତାଳି ଗ୍ରାମ ନିକଟରେ ରାସ୍ତା ଫାଙ୍କା ଥିବାରୁ ସ୍କର୍ପିଓ ଓଭରଟେକ କରି ବୋଲେରୋ ଆଗକୁ ଚାଲିଆସି ଅଟକାଇଥିଲା। ଗାଡ଼ି ଭିତରୁ ୬ଜଣ ଯୁବକ ବାହାରି ଆସି ଏକ ରାଉଣ୍ଡ ଗୁଳି ଚଳାଇବା ସହ ବ୍ୟବସାୟୀମାନଙ୍କ ଗାଡିର କାଚ ଭଙ୍ଗାରୁଜା କରିଥିଲେ। ଏହାସହ ସେମାନେ ଧମକ ଦେଇ ସମସ୍ତଙ୍କୁ ଗାଡିରୁ ଓହ୍ଲାଇ ମାରପିଟ୍ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ବ୍ୟବସାୟୀମାନଙ୍କ ପାଖରୁ ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଛଡାଇନେଇ ପଳାଇଯାଇଥିଲେ। ଜଳେଶ୍ୱର ପୋଲିସ ପହଞ୍ଚି ଆହତ ବ୍ୟବସାୟୀମାନଙ୍କୁ ଚିକିତ୍ସା ପାଇଁ ପଠାଇଛି। ସେମାନଙ୍କ ମଧ୍ୟରେ ଚଣ୍ଡିଖୋଲର ସୁନୁ ଖାନ୍, ସେକ ବକ୍ସାର ରହମାନ ଓ ଅନ୍ୟ ୪ ଜଣ ଥିଲେ।

### ଓଲଟିଲା ଟାଟା ମ୍ୟାଜିକ

**ରାଇରଙ୍ଗପୁର,୨୮।୧୧(ଡି.ଏନ୍.ଏ.)**

ଗୋରୁମହିଷାଣୀ-ଚଢ଼େଇପାହାଡ଼ ରାସ୍ତାରେ ବୁଧବାର ଏକ ଟାଟା ମ୍ୟାଜିକ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଏଥିରେ ୫ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଗାଡ଼ିଟି ଏକ ଗୋରୁକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଗାଡ଼ି ଜବତ କରିଛି। ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ